# ରମାଦେବୀ ଓ ଖଲିକୋଟ୍ ବିଶ୍ୱବିଦ୍ୟାଳୟରେ ଓଏଏସ୍ ଅଧିକାରୀ ହେବେ କୁଳସଚିବ

ଭୁବନେଶ୍ୱର,୧୯/୧୧(ଇମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଖଲିକୋଟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଦେଢ଼ ବର୍ଷ ବିତିଲାଣି। ହେଲେ ଏଠାରେ ଅଧ୍ୟାପକମାନଙ୍କୁ ଅସ୍ଥାୟୀ କୁଳସଚିବ ଭାବେ ନିଯୁକ୍ତି ଦିଆଯାଇଛି। କିନ୍ତୁ ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁଯାୟୀ, କୁଳସଚିବ ପଦବିରେ ଜଣେ ଲେଖାଏଁ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ଗତ ଅଗଷ୍ଟ ମାସରେ ସାଧାରଣ ପ୍ରଶାସନ ବିଭାଗକୁ ଜଣାଇବା ପରେ ସରକାରଙ୍କ ଚେତା ପଶିଛି। ଆଉ ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ ଖୁବ୍ ଶୀଘ୍ର ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ଡେପୁଟେସନ୍ ଭିତ୍ତିରେ କୁଳସଚିବ ଭାବେ ନିଯୁକ୍ତି ଦିଆଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଇନ, ୨୦୧୪ ଅନୁଯାୟୀ ଏଠାରେ ଅଧ୍ୟାପନା ବା ଗବେଷଣାରେ ସର୍ବନିମ୍ନ ୧୫ବର୍ଷର ଅଭିଜ୍ଞତା ଓ ଶିକ୍ଷା କ୍ଷେତ୍ରରେ ୫ବର୍ଷର ପ୍ରଶାସନିକତା ଦକ୍ଷତା ହାସଲ କରିଥିବା ପ୍ରଫେସର/ରିଡର ପାହ୍ୟାର ଅଧ୍ୟାପକଙ୍କୁ  କୁଳସଚିବ ଭାବେ ନିଯୁକ୍ତି ଦିଆଯିବ। ଏନେଇ ଖୁବ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି।